# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th May – 2026

***********************************

## ମୁଖ୍ୟ ସମ୍ବାଦ

- ଅନୁପ୍ରବେଶ ଏବଂ ଜନସଂଖ୍ୟାଗତ ପରିବର୍ତ୍ତନ ଆହ୍ୱାନର ମୁକାବିଲାପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କଲେ କେନ୍ଦ୍ର ସରକାର ।

- ଶାରୀରିକ ସୁସ୍ଥତା ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ; କହିଲେ ଜଷ୍ଟିସ୍ ସାବିତ୍ରୀ ରଥୋ ।

— ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେଲା ବିଶାଳ ପଦଯାତ୍ରା ।

- ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶିତ ।

ଏବଂ

- ରାଜ୍ୟରେ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

*Desk*

# କେନ୍ଦ୍ରୀୟ କମିଟି

ଦେଶରେ ଅନୁପ୍ରବେଶ ଏବଂ ଅନ୍ୟାନ୍ୟ କାରଣରୁ ଜନସଂଖ୍ୟାଗତ ପରିବର୍ତ୍ତନର ଆହ୍ୱାନର ମୁକାବିଲା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ ଆଜି ସୂଚନା ଦେଇ କହିଛନ୍ତି, ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ପ୍ରକାଶ ନାଓଲେକର ଏହି କମିଟିର ଅଧ୍ୟକ୍ଷ ରହିବେ । କମିଟିରେ ପୂର୍ବତନ ଆଇ.ଏ.ଏସ୍. ଅଧିକାରୀ ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇ.ପି.ଏସ୍. ଅଧିକାରୀ ବାଲାଜୀ ଶ୍ରୀବାସ୍ତବ ଏବଂ ବିଶିଷ୍ଟ ଅର୍ଥନୀତିଜ୍ଞ ସାମିକା ରବିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଲାଲକିଲାରୁ ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ନେଇ ଘୋଷଣା କରିଥିଲେ ।

***Desk***

# ପ୍ରଧାନ - ସି.ବି.ଏସ୍.ଇ.

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ – ସି.ବି.ଏସ୍.ଇ.ର ଦେୟ ପ୍ରଦାନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୪ଟି ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ୍‌ର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନିରନ୍ତର ଏବଂ ସୁରକ୍ଷିତ ଦେୟ ବ୍ୟବସ୍ଥାର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ସମୟୋଚିତ କାରବାର, ଦେୟ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ଏବଂ ଅଧିକ କ୍ଷେତ୍ରରେ ସ୍ୱୟଂକ୍ରିୟ ଅର୍ଥ ଫେରସ୍ତ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥିତ ପ୍ରକ୍ରିୟା ପ୍ରତିଷ୍ଠା କରିବାରେ ସି.ବି.ଏସ୍.ସି.କୁ ସହଯୋଗ କରିବା ପାଇଁ ଶ୍ରୀ ପ୍ରଧାନ ବ୍ୟାଙ୍କ୍ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

***HS***

# ପର୍ଯ୍ୟଟନ ସମୀକ୍ଷା

ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂକ୍ରାନ୍ତରେ ଶ୍ରୀମତୀ ପରିଡ଼ା ଆଲୋଚନା

କରିଥିଲେ । ବୈଠକରେ ବିଧାୟକ ବାବୁ ସିଂହ, ବିଭାଗୀୟ କମିଶନର ତଥା ସଚିବ ବଳଓ୍ୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

***IPR***

## ସି.ଏ.ଜି. - ଅଡିଟ୍

ଭାରତୀୟ ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ - ସି.ଏ.ଜି. ରାଜ୍ୟର ଭୁବନେଶ୍ୱର ଓ କଟକରେ ସହରୀ ଗତିଶୀଳତା  ଉପରେ ନାଗରିକ କୈନ୍ଦ୍ରିକ ଅନୁପାଳନ ଅଡିଟ୍ କରିବେ । ଏନେଇ ଭୁବନେଶ୍ୱରସ୍ଥିତ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସି.ଏ.ଜି.ର ବାର୍ଷିକ କାର୍ଯ୍ୟ ଯୋଜନା ଅନ୍ତର୍ଗତ ଦେଶର ୧୧୦ଟି ସହରରେ ସହରୀ ଗତିଶୀଳତା ଉପରେ ନାଗରିକ କୈନ୍ଦ୍ରିୟ ଅନୁପାଳନ ଅଡିଟ୍ କରିବାକୁ ନିଷ୍ପତ୍ତି ନିଆଯାଇଛି । ସହରୀ ଗତିଶୀଳତା ବ୍ୟବସ୍ଥାକୁ ଅଧିକ ଗଠନମୂଳକ କରିବା, କାର୍ଯ୍ୟକ୍ଷେତ୍ରରେ ରହୁଥିବା ଅସୁବିଧାଗୁଡ଼ିକୁ ଅଡିଟ୍ ଟିମ୍ ସମ୍ମୁଖରେ ଉପସ୍ଥାପନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

*Desk*

# ଶ୍ୱାସରୁଦ୍ଧ - ୬ ମୃତ

କଳାହାଣ୍ଡି ଜିଲ୍ଲା ମଦନରାମପୁର ଥାନା ଅଧୀନ ଗୌଡ଼କର୍ଲାଖୁଣ୍ଟା ଗ୍ରାମରେ ଆଜି ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

*Nuapada/R*

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ନୂଆପଡ଼ା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ୍ନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଆୟୋଜିତ ବୈଠକରେ ଶ୍ରୀ ନାୟକ ଯୋଗଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ପାନୀୟ ଜଳ ସମସ୍ୟାରେ ସୁଧାର ଆସିଥିବାବେଳେ ଆଗାମୀ ଦିନରେ ପାନୀୟ ଜଳ

ପ୍ରକଳ୍ପ ଭିତ୍ତିଭୂମି ବିକାଶ ଉପରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ଆକାଶବାଣୀ - ୯୦ ବର୍ଷ ପୂର୍ତ୍ତି

ଶାରୀରିକ ସୁସ୍ଥତା ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥୋ କହିଛନ୍ତି। ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଅବସରରେ' କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ରଥୋ କହିଛନ୍ତି, ଆକାଶବାଣୀର କାର୍ଯ୍ୟକ୍ରମ ବାଲ୍ୟକାଳରୁ ତାଙ୍କ ଜୀବନରେ ପ୍ରଭାବ ପକାଇଛି।

***Voice (Savitri Ratho)*** :.......

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ସମ୍ମାନନୀୟ ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଶିବୋ ଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି, ବିଗତ ୪୦ ବର୍ଷ ଧରି ଆକାଶବାଣୀର ଶ୍ରୋତାଭାବେ ଜଡ଼ିତ ହୋଇ ରହିଛନ୍ତି। ଏହି ଅବସରରେ ଆକାଶବାଣୀ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଯୋଗଦେଇଥିବା ସମସ୍ତଙ୍କୁ ଜଷ୍ଟିସ ମିଶ୍ର ଶୁଭେଚ୍ଛା ଜଣାଇଥିଲେ।

କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋଟ୍ଟା ଅନ୍ୟତମ ସମ୍ମାନନୀୟ ଅତିଥିଭାବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆକାଶବାଣୀ ୯୦ ବର୍ଷ ପୂରଣ କରିଛି ଏବଂ ଆଗାମୀ ଦିନରେ ଏହା ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମକୁ ଦୁଇ ବିଚାରପତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପ୍ରାୟ ୪୦୦ ଜଣ ଭାଗ ନେଇଥିଲେ। ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରୁ ପଦଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭି.ଏମ୍. ରତ୍ନପ୍ରସାଦ ତାଙ୍କର ସ୍ୱାଗତ ଭାଷଣରେ ଆକାଶବାଣୀର ସ୍ୱତନ୍ତ୍ରତା ଏବଂ ବିଶ୍ୱସନୀୟତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ବାଦ ବିଭାଗର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ପରିଚାଳନା କରିଥିଲେ। ଯାନ୍ତ୍ରିକ ବିଭାଗର ସଞ୍ଜୁଲତା ନାୟକ କାର୍ଯ୍ୟକ୍ରମର ସଂଯୋଜକ ଥିବା ବେଳେ ଆକାଶବାଣୀ କଟକ କେନ୍ଦ୍ରର ଅନ୍ୟ ବିଭାଗଗୁଡ଼ିକର ସହଯୋଗରେ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପଦଯାତ୍ରାରେ ଆକାଶବାଣୀର କର୍ମଚାରୀମାନଙ୍କ ସମେତ ସେବା ନିବୃତ୍ତ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରୋତାମାନେ ଭାଗ ନେଇଥିଲେ। ପଦଯାତ୍ରାରେ ଅଂଶଗ୍ରହଣ କରିଥିବା ବୟୋଜ୍ୟେଷ୍ଠ ଶ୍ରୋତା ରାଜେନ୍ଦ୍ର ରଣା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice (Mr. Rana)*** :......

*Bhadrak/R*

# ଏସ୍.ଆଇ.ଆର୍. ପ୍ରସ୍ତୁତି ବୈଠକ

ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର୍ ତାଲିକାର ସ୍ୱତନ୍ତ ସଘନ ସଂଶୋଧନ - ଏସ୍.ଆଇ.ଆର୍. କାର୍ଯ୍ୟକ୍ରମର ସୁପରିଚାଳନା ନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍‌ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ଏସ୍.ଆଇ.ଆର୍. କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବାପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଯୋଗ୍ୟ ଭୋଟର୍ ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଶ୍ରୀ ଗୋପାଳନ୍ ପରାମର୍ଶ ଦେଇଛନ୍ତି । ବୈଠକରେ ନୂତନ ଭୋଟର୍‌ଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସରଳୀକରଣ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା । ଭୋଟର୍ ତାଲାକାର ସଂଶୋଧନ ସମୟରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ସ୍ୱଚ୍ଛ, ସରଳ ଏବଂ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଉପରେ ରଣନୀତି ସ୍ୱତନ୍ତ୍ର ପ୍ରସ୍ତୁତ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଜନସାଧାରଣଙ୍କ ସହାୟତାପାଇଁ ୧୯୫୦ ନିଃଶୁଳ୍କ ନିର୍ବାଚନ ସହାୟତା ନମ୍ବରର ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ୍ ଅଫିସର, ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଯୋଗ ଦେଇଥିଲେ ।

***Desk***

## ଓ.ପି.ଏସ୍.ସି.

ଓଡ଼ିଶା ଲୋକସେବା ଆୟୋଗଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍-୨୦୨୪ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ୨୦୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାରେ ବୁବୁନ୍ ସାହୁ ଶୀର୍ଷ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି ।

***Desk***

## ସ୍ନାନଯାତ୍ରା ବୈଠକ

ଶୃଙ୍ଖଳିତ ସ୍ନାନଯାତ୍ରା ଓ ଘୋଷଯାତ୍ରା ଆୟୋଜନ ନେଇ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଶୃଙ୍ଖଳିତ ପହଣ୍ଡିକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଧାର୍ଯ୍ୟ ନୀତିନିର୍ଘଣ୍ଟ ଅନୁଯାୟୀ କରିବାକୁ ନିଯୋଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଶୃଙ୍ଖଳିତ ପହଣ୍ଡି ପାଇଁ ତିନି ରଥରେ ପ୍ରଶାସକ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସଂଖ୍ୟା ଅନୁଯାୟୀ, ସେବା ଅଧିକାର ପାଇଥିବା ସେବାୟତମାନେ ଉପସ୍ଥିତ

ରହିବେ। ବୈଠକରେ ଦଇତାପତି ନିଯୋଗର ସଭାପତି, ସମ୍ପାଦକଙ୍କ ସମେତ ନିଯୋଗ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ସେବାପୂଜାକୁ ଶୃଙ୍ଖଳିତ କରିବା ପାଇଁ ଦଇତାପତି ନିଯୋଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଦଇତାପତି ସେବକ ମତ ରଖିଛନ୍ତି।

***HS***

## ଯୁକ୍ତ ଦୁଇ ପୁନଃ ମୂଲ୍ୟାୟନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଉତ୍ତର ଖାତାର ପୁନଃ ମୂଲ୍ୟାୟନ ଆସନ୍ତା ପହିଲାରୁ ଆବେଦନ ଆରମ୍ଭ ହେବ । ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷାର ପୁନଃ ମୂଲ୍ୟାୟନ ଆସନ୍ତା ମାସ ୧୨ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ପ୍ରତ୍ୟେକ ପେପର ପାଇଁ ୨୦୦ ଟଙ୍କା ଦାଖଲ କରିବାକୁ ପଡ଼ିବ । ଡାଉନ୍‌ଲୋଡ୍ ଲିଙ୍କ୍ ଜୁନ୍ ୧୯ରୁ ୨୩ ତାରିଖ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଇ-ମେଲ୍‌କୁ ପଠାଯିବ । ମୂଲ୍ୟାୟନରେ ତ୍ରୁଟି ଥିଲେ ଜୁନ୍ ୩୦ ତାରିଖ ସୁଦ୍ଧା ଅଭିଯୋଗ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

***Jharsuguda/R***

# ପାନୀୟ ଜଳ - ସମୀକ୍ଷା ବୈଠକ

ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚଓ୍ୱାନ୍‌ଙ୍କ ଅଧ୍ୟକ୍ଷତରେ ଆଜି ଜିଲ୍ଲା ଜଳ ଓ ପରିମଳ ମିଶନ୍‌ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

ସେହିପରି ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା  ସହ ଆସନ୍ତା ଆର୍ଥିକ ବର୍ଷପାଇଁ ବାର୍ଷିକ କାର୍ଯ୍ୟଖସଡ଼ାକୁ ଅନୁମୋଦନ କରାଯାଇଛି ।

***Bhadrak/R***

# କୃଷକ ତାଲିମ ପ୍ରଶିକ୍ଷଣ

ଭଦ୍ରକ ଜିଲ୍ଲା ଅର୍ଣ୍ଣପାଳ ପଞ୍ଚାୟତରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର - ସି.ଆର୍.ଆର୍.ଆଇ. ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ - ଆଇ.ସି.ଆର୍.ଆର୍. ପକ୍ଷରୁ କୃଷକ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ବୈଜ୍ଞାନିକମାନେ ଯୋଗଦେଇ କୃଷିକ୍ଷେତ୍ରରେ ସ୍ଥାୟୀ ମୃତ୍ତିକା, କୃଷି ଉତ୍ପାଦନ ବୃଦ୍ଧି, ପରୀକ୍ଷା ଆଧାରିତ

ସନ୍ତୁଳିତ ଖତସାର ପ୍ରୟୋଗ, ଜୈବିକ ସାର ବ୍ୟବହାର ଆଦି ସମ୍ପର୍କରେ କୃଷକମାନଙ୍କ ସହ ଆଲୋଚନା କରିଥିଲେ ।

***Keonjhar/R***

## ଜନଜାତୀୟ ଗରିମା ଉତ୍ସବ

କେନ୍ଦୁଝର ଜିଲ୍ଲା ଜନଜାତି ସମ୍ପ୍ରଦାୟର ଆର୍ଥିକ ଓ ସାମାଜିକ ବିକାଶପାଇଁ "ଜନଜାତୀୟ ଗରିମା ଉତ୍ସବ-୨୦୨୬" ଅନ୍ତର୍ଗତ "ଜନଭାଗିଦାରୀ ଅଭିଯାନ - ସବୁଠାରୁ ଦୂର, ସର୍ବପ୍ରଥମ" କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସପ୍ତାହବ୍ୟାପୀ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ବିଭିନ୍ନ ଜନହିତକର ଏବଂ ପ୍ରଗତିଶୀଳ ଯୋଜନାଗୁଡ଼ିକ ଯେପରି ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

***Met. O.***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆଜି ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ସମ୍ବଲପୁରଠାରେ

ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ପରିବର୍ତ୍ତନ ହେବାର ସମ୍ଭବନା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି ।

******